## ମହାଯଜ୍ଞ ପାଇଁ କଳସ ଯାତ୍ରା

କବିସୂର୍ଯ୍ୟନଗର,(କୃପାସିନ୍ଧୁ ସ୍ୱାଇଁ) କବିସୂର୍ଯ୍ୟନଗର ଆଠଗଡ଼ପାଟଣା ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସୁଧର୍ମା ସେବା ସଂଘ ପକ୍ଷରୁ ଅନନ୍ତ ମାଧବ ଯୁଗୋପଯୋଗୀ ଜନ କଲ୍ୟାଣ ପଞ୍ଚ ମହାଯଜ୍ଞ ପାଇଁ କଳସ ଯାତ୍ରା ହୋଇଛି। ଏଥିରେ ମୁଖ୍ୟ ଅତିଥି ମହାରାଜ ଦୁର୍ଗାଶଙ୍କର ପ୍ରସାଦ ହରିଚନ୍ଦନ ଜଗଦେବ, ସମ୍ମାନିତ ଅତିଥି ସମାଜସେବୀ କିଶୋର ଚନ୍ଦ୍ର ପଣ୍ଡା, ଅବସର ଶିକ୍ଷକ ଜଗବନ୍ଧୁ ଭୋଳ, ପ୍ରବଚକ ବଂଶୀଧର ବିଷୋୟୀ ଯୋଗ ଦେଇଥିଲେ। ସେହିପରି ରବିବାର ଦିନ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବିଧାୟିକା ଲତିକା ପ୍ରଧାନ, ସଂମାନିତ ଅତିଥି ଭାବେ ଆଠଗଡପାଟଣା ସରପଞ୍ଚ ଛବିରାଣୀ ତ୍ରିପାଠୀ, ସମିତିସଭ୍ୟା ଅମ୍ବିକା ପୋଲାଇ, ପ୍ରବଚକ ଡ଼.ପ୍ରଭୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜାମରେ ୮ ବର୍ଷ ହେଲା ଧାନର ଅଭାବୀ ବିକ୍ରି

**ଛତ୍ରପୁର,୮।୧୨(ସନ୍ତୋଷ ପାଢୀ):**

ଗଞ୍ଜାମ ଜିଲାରେ ଆସନ୍ତା ୨୩ ତାରିଖରୁ ଚାଷୀମାନଙ୍କ ଠାରୁ ଧାନ କିଣାଯିବାକୁ ପୂର୍ବରୁ ନିଷ୍ପତ୍ତି ହୋଇସାରିଛି । ତେବେ ଜିଲାରେ କିଛି ବର୍ଷ ହେଲଣି ଧାନର ଅଭାବୀ ବିକ୍ରି ହୋଇଥିବାରୁ ଚଳିତବର୍ଷ ଏହାର ପୁନରାବୃତ୍ତି ହେବ ନା ଧାନ କିଣା ଶୃଙ୍ଖଳିତ ହେବ ସେ ନେଇ ଚର୍ଚ୍ଚା ଜୋର ଧରିଲାଣି । ଏବେ ନୂଆ ସରକାର ଆସିଥିଲେ ମଧ ପୂର୍ବର ପ୍ରଶାସନିକ, ଯୋଗାଣ ଅଧିକାରୀ, ସମବାୟ ସମିତି ସମ୍ପାଦକ ଓ ମିଲରମାନେ ଅଛନ୍ତି। ଅନ୍ୟପକ୍ଷରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ବହୁ ଆଗରୁ ଛତ୍ରପୁର ଆସି ଧାନ କିଣା କିଭଳି ଶୃଙ୍ଖଳିତ ହେବ ସେ ନେଇ ବୈଠକ ସାରିଛନ୍ତି। ଯେଭଳି ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଠାରୁ ଧାନ କିଣାଯିବ ଏବଂ ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯିବ ସେ ନେଇ ମନ୍ତ୍ରୀ କଡା ନିର୍ଦ୍ଦେଶ ଦେଇଛନ୍ତି।

ଗଞ୍ଜାମ ଜିଲାରେ ଗତ ୮ ବର୍ଷ ହେଲା ଧାନର ଅଭାବୀ ବିକ୍ରି ଲାଗି ରହିଥିବା ପ୍ରଶାସନର ତଥ୍ୟରୁ ଜଣାପଡିଛି । ସମସ୍ତ ପଞ୍ଜୀକୃତ ଚାଷୀମାନଙ୍କଠାରୁ ଧାନ କିଣିବାରେ ପ୍ରଶାସନ ବିଫଳ ରହିଛି । ମିଳିଥିବା ସୂଚନା ଅନୁସାରେ ୨୦୨୩-୨୪ରେ ଜିଲାର ୨୯ ହଜାର ପଞ୍ଜୀକୃତ ଚାଷୀ ଧାନ ବିକି ପାରି ନ ଥିବା ବେଳେ ୨୦୨୨-୨୩ରେ ୨୨ ହଜାର ପଞ୍ଜୀକୃତ ଚାଷୀ, ୨୦୨୧-୨୨ରେ ୨୬,୪୦୦ ଚାଷୀ, ୨୦୨୦-୨୧ରେ ୪୩ ହଜାର ଚାଷୀ, ୨୦୨୦-୧୯ରେ ୫୪ ହଜାର ଚାଷୀ, ୨୦୧୮-୧୯ରେ ୪୪,୫୦୦ ଚାଷୀ, ୨୦୧୭-୧୮ରେ ୪୪ ହଜାର ଚାଷୀ ଏବଂ ୨୦୧୬-୧୭ରେ ୨୮ ହଜାର ଚାଷୀ ଧାନ ବିକି ପାରିନାହାନ୍ତି। କେବେ ଟୋକନ୍ ଆସିବାରେ ବିଳମ୍ବ ତ ଆଉ କେଉଁଠି ଟୋକନ୍ ଅବଧି ଚାଲିଯିବା, ଏପରିକି ମିଲର ଓ ସମିତି ମାନଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ସମସ୍ତ ପଞ୍ଜୀକୃତ ଚାଷୀ ମାନଙ୍କ ଠାରୁ ଧାନ କିଣାଯାଇପାରିନି। ଚଳିତ ବର୍ଷ ଜିଲାର ୧ଲକ୍ଷ ୪୬ ହଜାର ୫୦୪ ଜଣ ଚାଷୀ ଖରିଫ ଧାନ ସରକାରୀ ସଂସ୍ଥାକୁ ବିକ୍ରି କରିବାକୁ ଆଗୁଆ ପଞ୍ଜୀକୃତ ହୋଇଛନ୍ତି। କୃଷି ବିଭାଗର ତଥ୍ୟ ଅନୁସାରେ ଜିଲାରେ ୭.୫ ଲକ୍ଷ ଚାଷୀ ଓ ଭାଗ ଚାଷୀ ରହିଛନ୍ତି। ତେବେ ଚଳିତ ବର୍ଷ ଭାଗ ଚାଷୀ ମାନେ ଧାନ ବିକିବା ପାଇଁ ପଞ୍ଜୀକୃତ ହୋଇପାରିନାହାନ୍ତି। କଡା ନିୟମ ଥିବା ଯୋଗୁଁ ଏପରି ସ୍ଥିତି ଦେଖାଦେଇଛି । ମିଳିଥିବା ସୂଚନା ଅନୁସାରେ ଜିଲାରେ ୪୯୫ ପ୍ରାଥମିକ କୃଷି ସମବାୟ ସମିତି ମଧ୍ୟରୁ ୩୬୫ଟି ସମିତି ଚାଷୀଙ୍କ ଠାରୁ ଧାନ କିଣିବେ । ୧୧୭ ମହିଳା ସ୍ୱୟଂ ସହାୟିକା ସଂଘ ଓ ଗୋଟିଏ ପାଣି ପଞ୍ଚାୟତ ମଧ୍ୟ ଚାଷୀଙ୍କ ଠାରୁ ଧାନ କିଣିବ ବୋଲି ବୃତାନ୍ତ ହୋଇଛି। ସମସ୍ତ ସମବାୟ ସମିତି ଧାନ କିଣା ପ୍ରକ୍ରିୟାରେ ସାମିଲ ହେଉ ନ ଥିବାରୁ ମଧ ସମସ୍ୟା ଦେଖାଦେଉଛି।

## ସଂକ୍ଷେପରେ

### ଚୋରି ହୋଇଥିବା ବସ୍ ଦୁର୍ଘଟଣାଗ୍ରସ୍ତ

ଗଞ୍ଜାମ,୮।୧୨(ବିଦ୍ୟାଧର ସାହୁ)

ଆସିକା ଅଞ୍ଚଳରୁ ଚୋରି ହୋଇଥିବା ସାଇକ୍ରିଷ୍ଣା ବସ୍ ଗଞ୍ଜାମରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ି ଭିତରେ କେହି ଯାତ୍ରୀ ନଥିବା ବେଳେ କିଏ କାହିଁକି ଚୋରି କରିଛି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗଞ୍ଜାମ ଥାନା ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ବସ୍‌କୁ ଜବତ କରି ତଦନ୍ତ ଚଳାଇଛି। ବସ୍‌ଟି ଭୁବନେଶ୍ୱର ପଟୁ ଦୃତ ଗତିରେ ଆସି ଡିଭାଇଡର ଡେଇଁ ଅପରପାର୍ଶ୍ୱ ଏକ ଢ଼ାବା ନିକଟସ୍ଥ ରୋଡ଼ ତଳକୁ ଖସି ପଡ଼ିଛି। ଖବର ପାଇ ବସ ମାଲିକଙ୍କ ଭଣଜା ସୂର୍ଯ୍ୟ ନାରାୟଣ ପଲାଇ, ପୁତୁରା ବିକାଶ ପଲାଇ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଗାଡ଼ି ଉଠାଇବା ବ୍ୟବସ୍ଥା କରିଥିଲେ। ବିକାଶଙ୍କ କହିବ ।ନୁଯାୟୀ ଆସିକା ବସଷ୍ଟାଣ୍ଡରେ ପ୍ରାୟ ୧୪ ବସ ଥିଲା। ଶନିବାର ରାତି ପ୍ରାୟ ୨ଟାରେ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିବା ପରେ ଆସିକା ଥାନାରେ ଅଭିଯୋଗ କରାଯାଇଥିଲା।

### ଆସିକା ବିଜ୍ଞାନ କଲେଜରେ କ୍ରୀଡ଼ା ଉତ୍ସବ

ଆସିକା,୮।୧୨(ସୁରେନ୍ଦ୍ର ନାଥ ସାହୁ):

ଆସିକା ବିଜ୍ଞାନ ମହାବିଦ୍ୟାଳୟର ୫୬ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ କଲେଜ ଅଧକ୍ଷ ଡ. ଜିବାନନ୍ଦ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଗଞ୍ଜାମ ଜିଲା କ୍ରୀଡ଼ା ଅଧିକାରୀ ସନ୍ତୋଷ କୁମାର ସାହୁ ମୁଖ୍ୟ ଅତିଥି ଓ ଆସିକା ଏନ୍ଏସିର ନିର୍ବାହୀ ଅଧିକାରୀ ଲୋକନାଥ ବେଜ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡା ସଂସଦ ଉପସଭାପତି ଅଧାପକ ଚିତ୍ରସେନ ବେହେରା, ଡ.ବସନ୍ତ କୁମାର ଆଚାରୀ, ମେଜର ଶଙ୍କର ପ୍ରସାଦ ଅଧିକାରୀ, ଡ.ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ରାଜେଶ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ ଥିଲେ।

### ଉପଖଣ୍ଡ କ୍ରୀଡ଼ା ସଂଘ କର୍ମକର୍ତ୍ତା, ସଭ୍ୟଙ୍କ ଶପଥପାଠ

ବାଲିଗୁଡା,୮।୧୨(ସଞ୍ଜୟ ପାଣିଗ୍ରାହୀ)

ଉପଖଣ୍ଡ କ୍ରୀଡା ସଂଘ ବାଲିଗୁଡାର ନବନିର୍ବାଚିତ କର୍ମକର୍ତ୍ତା ଓ ସଭ୍ୟମାନଙ୍କ ଶପଥପାଠ ଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ମିନିଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ସମିର ନାୟକ ଯୋଗ ଦେଇ ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ପାଠ କରାଇଥିଲେ। ଉପଦେଷ୍ଟା ଭାବେ ସେକ୍ ସାଦିକ, ଦେବବ୍ରତ ସିଂଦେଓ ଓ ସୁରେନ୍ଦ୍ର ପାତ୍ର, ସମ୍ପାଦକ ଡ.ଶୁଶାନ୍ତ କୁମାର ଦାସ, କୋଷାଧକ୍ଷ ରଞ୍ଜିତ କୁମାର ମହାନ୍ତି, ଆୟୋଜକ ଉପଦେଷ୍ଟା ପରିଷଦ ଭାବେ ଶୁଧାଂଶୁ ଶେଖର ପାଳ, ଏଲିଆସ ଦିଗାଲ, ଶ୍ୟାମ୍ ସୁନ୍ଦର ଦାସ, ସୁବାଷ କହଁର, କ୍ରୀଡା ସମ୍ପାଦକ ଏ ଶ୍ରୀନିବାସ ଦୋରା ଓ ଶିବାନନ୍ଦ ପଟ୍ଟନାୟକ ଏବଂ କାର୍ଯ୍ୟକାରିଣି ସମିତିର ସଭ୍ୟ ଭାବେ ପ୍ରଶାନ୍ତ କୁମାର ସାହୁ, ରଞ୍ଜନ ନାୟକ, ସମିର ପଟ୍ଟନାୟକ, ସୁଜିତ କୁମାର ପାଳ, ରୁପକ ନାୟକ ନିର୍ବାଚିତ ହୋଇ ରବିବାର ଶପଥ ପାଠ କରିଛନ୍ତି।

## ଇନ୍‌ପୁଟ ସହାୟତା ପ୍ରଦାନ ଶୁଭାରମ୍ଭ
# ଚାଷୀଙ୍କୁ ମୋବାଇଲ ନମ୍ବର ଦେଲେ ମନ୍ତ୍ରୀ

**ଛତ୍ରପୁର,୮।୧୨(ସନ୍ତୋଷ ପାଢୀ/ ଦିଲୀପ ସାମଲ)**

ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଇନ୍‌ପୁଟ ସହାୟତା ରାଶି ବଣ୍ଟନ ଅବସରରେ ଛତ୍ରପୁର ଷ୍ଟାଡିୟମଠାରେ ଚାଷୀ ସମାବେଶ ହୋଇଥିଲା। ଏଥିରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବ ସରକାର ଚାଷୀଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଠକିଥିଲେ ବୋଲି କହିବା ସହ ଭାଜପା ସରକାର ଆସିବା ପରେ ଧାନର ଏମଏସପି ବୃଦ୍ଧି କରି ପ୍ରତିଶ୍ରୁତି ପୂରଣ କରିଥିବା ନିଜ ଅଭିଭାଷଣରେ କହିଥିଲେ। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଏବଂ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ ଓ ମଞ୍ଚ ଉପରେ କେତେଜଣ ଚାଷୀ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆସନ୍ତା ୨୩ ତାରିଖରେ ଗଞ୍ଜାମ ଜିଲାରେ ଧାନକିଣା ପ୍ରକ୍ରିୟା ଆରମ୍ଭ ହେବ। ମନ୍ତ୍ରୀ ଜେନା ନିଜ ମୋବାଇଲ ଫୋନ୍ ନମ୍ବର ଚାଷୀମାନଙ୍କୁ ପ୍ରଦାନ କରି ଧାନ ବିକ୍ରିରେ କୌଣସି ଅସୁବିଧା ହେଲେ ଜଣାଇବାକୁ ଅନୁରୋଧ କରିଥିଲେ । ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଅତିରିକ୍ତ ଜିଲାପାଳ ପ୍ରମୋଦ ପୃଷ୍ଟି, ଛତ୍ରପୁର ଏନଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଜିଲା ଯୋଗାଣ ଅଧିକାରୀ ପୁଷା ମୁଣ୍ଡା, ଚାଷୀନେତା ସୁବାଷ ଚୌଧୁରୀ, ଦୁର୍ଯୋଧନ ପରିଡା, ଦେବରାଜ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ମହିଳା ଓ ପୁରୁଷ ଚାଷୀ ଯୋଗଦେଇଥିଲେ।



ସମାବେଶରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟମାନେ।

# ଧାନବିକ୍ରି ଅଭିଯୋଗ ଥିଲେ ଜଣାଇବାକୁ ପରାମର୍ଶ



କାର୍ଯ୍ୟକ୍ରମରେ ଉପସ୍ଥିତ ୨ ବିଧାୟକ ଓ ଅନ୍ୟମାନେ।

**ପାରଳାଖେମୁଣ୍ଡି,୮।୧୨(ଗିରିଧାରୀ ପରିଚ୍ଛା):**

ଧାନର ଏମ୍ଏସ୍‌ପି ଉପରେ ୮୦୦ ଟଙ୍କାର ଇନପୁଟ ସହାୟତା ପ୍ରଦାନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମଠାରେ ହୋଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ବିଜୟ କୁମାର ଦାଶ ଅଧକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏ ରାମ ପ୍ରସାଦ ପାତ୍ର, ଜିଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଧାନ କିଣା ଯିବାର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ଯିବ। ଜିଲାରେ ଡିସେମ୍ବର ୩୦ ତାରିଖରୁ ମଣ୍ଡିରୁ ଧାନ କିଣା ଯିବ। ପ୍ରତ୍ୟେକ ମଣ୍ଡିରେ ଜଣେ ନୋଡାଲ ଅଫିସର ଓ ଜଣେ ସୁପରଭାଇଜର ରହିବେ। ନାକା ପଏଣ୍ଟ ରାସ୍ତାରେ ସିସିଟିଭି କ୍ୟାମେରା ଲଗାଯାଇ ଅନ୍ୟ ରାଜ୍ୟକୁ ଧାନ ବିକ୍ରି ଉପରେ ନଜର ରଖାଯିବ। କୌଣସି ଚାଷୀ ଆପତ୍ତି ଅଭିଯୋଗ ରହିଥିଲେ ୧୯୬୭ ନମ୍ବରକୁ ଯୋଗାଯୋଗ କଲେ ସଂପୂର୍ଣ୍ଣ ସହାୟତା ପାଇପାରିବେ ବୋଲି ଜିଲାପାଳ କହିଥିଲେ। ଜିଲ୍ଲାରେ ୪୫ଟି ଧାନ ସଂଗ୍ରହ କେନ୍ଦ୍ର ଖୋଲାଯାଇଛି। ସେଥିମଧ୍ୟରୁ ଗୋଷାଣୀ ବ୍ଲକରେ ୨୫, ଗୁମ୍ମା ବ୍ଲକରେ ୩, କାଶୀନଗର ବ୍ଲକରେ ୧୬ ଓ ରାୟଗଡ଼ରେ ୧ ଧାନ ସଂଗ୍ରହ କେନ୍ଦ୍ରରେ ଧାନ ସଂଗ୍ରହ କରାଯିବ।

## କଣ୍ଟେନର ଧକ୍କାରେ ସ୍ତ୍ରୀ ମୃତ, ବର୍ତ୍ତିଲେ ସ୍ୱାମୀ ଓ ପୁଅ

**ଗୋପାଳପୁର,୮।୧୨(ନବୀନ ରାଜ ଆଚାରୀ)**

୧୬ ନଂ ଜାତୀୟ ରାଜପଥ ଗୋପାଳପୁର ଥାନା ଅଧିନସ୍ଥ ପୋକଡିବନ୍ଧ ଛକ ଚର୍ଚ୍ଚ ସମ୍ମୁଖ ଜାତୀୟ ରାଜପଥରେ ରବିବାର କଣ୍ଟେନର ବାଇକ ପଛପଟକୁ ଧକ୍କା ଦେବାରୁ ଜଣେ ମହିଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ଓ ପୁଅ ବର୍ତ୍ତିଯାଇଛନ୍ତି। ମୃତ ମହିଳା ଜଣକ ହେଲେ ଗଜପତି ଜିଲା ଆର. ଉଦୟଗିରି ଥାନା ଅତରସିଂ ଗ୍ରାମର ପ୍ରଭାସିନୀ ଶବର (୪୨) ବୋଲି ପୋଲିସ ସୂଚନା ଦେଇଛି। ଘଟଣା ସ୍ଥଳରୁ ମୃତ ଶରୀରକୁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲା। ସ୍ୱାମୀ ସନାତନଙ୍କ ଅଭିଯୋଗ କ୍ରମେ କେଶ ନଂ ୩୩୭/୨୪ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରି ସନ୍ଧ୍ୟାରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଧକ୍କା ଦେଇଥିବା ଚାଳକକୁ ଥାନାରେ ଅଟକ ରଖିଛି। ଦୁର୍ଘଟଣା ଘଟେଇଥିବା ବାଇକ ଓ କଣ୍ଟେନ ରକୁ ପୋଲିସ ନିଜ ହେପାଜତକୁ ନେଇ ତଦନ୍ତ ଆରମ୍ଭ କରିଛି।

## ଟିବି ମୁକ୍ତ ଭାରତ ଅଭିଯାନ କର୍ମଶାଳା

ଦିଗପହଣ୍ଡି,୮।୧୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଟିବି ମୁକ୍ତ ଭାରତ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ବମକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିନଟେଣ୍ଡେଣ୍ଟ ଡା.ଶୁଚିସ୍ମିତା ଚୌଧୁରୀ, ଦିଗପହଣ୍ଡି ଏନ୍ଏସି ଅଧକ୍ଷ ପ୍ରଫୁଲ ପଣ୍ଡା, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ ସେଠୀ, ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ, କାଉନସିଲର ସୁଶାନ୍ତ କୁମାର ପାତ୍ର ଏବଂ ସ୍ୱାସ୍ଥ୍ୟ ବିଭାଗ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଶୁଭେନ୍ଦୁ କୁମାର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଯକ୍ଷ୍ମାରୋଗର କାରଣ ଏବଂ ନିରାକରଣ ଉପରେ ଅତିଥି ବୃନ୍ଦ ସଚେତନ କରାଇଥିଲେ।

## ସଙ୍କୁଳ ଖେଳକୁଦ ସମାରୋହ

ମୋହନା, ୮।୧୨(ମନ୍ମଥ ମିଶ୍ର )

ଗଜପତି ଜିଲ୍ଲା ମୋହନା ହାଇସ୍କୁଲ ପଡ଼ିଆରେ ଶିକ୍ଷା ବିକାଶ ସମିତି ସଙ୍କୁଳ ଖେଳକୁଦ ସମାରୋହ ଅନୁଷ୍ଠିତ ହୋଇଛି। ଏଥିରେ ଷଷ୍ଠୀ ପ୍ରସାଦ ବିଷୋୟୀ ସଂଯୋଜନା କରିଥବା ବେଳେ ଉଦ୍‌ଘାଟନୀ ଉତ୍ସବରେ ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସଙ୍କୁଳ ପ୍ରମୁଖ ବିଜୟ କୁମାର ପ୍ରଧାନ ଯୋଗଦେଇ ଖେଳକୁଦ ପ୍ରତିଯୋଗିତା ଦ୍ୱାରା ଶିଶୁ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହେବା ସହ ନିଜର ପ୍ରତିଭା ଦେଖାଇ ପାରିବେ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ମୋହନା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିଚାଳନା ସମିତି ସଭାପତି ପୂର୍ଣଚନ୍ଦ୍ର ଦଲାଇ, ସମ୍ପାଦକ ରବି କୁମାର ପାତ୍ର, ଉପଦେଷ୍ଟା ମଧୁସୂଦନ ପାଢ଼ୀ, କୋଷାଧକ୍ଷ ବୃନ୍ଦାବନ ସାମନ୍ତରା ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ସଙ୍କୁଳ ଅନ୍ତର୍ଗତ ୧୨ଟି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୧୦ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ପ୍ରମୁଖ ଉପେନ୍ଦ୍ର ପଣ୍ଡା, ସଙ୍କୁଳ ଉପଦେଷ୍ଟା ଈଶ୍ୱର ଚନ୍ଦ୍ର ଭୂୟାଁ ପ୍ରମୁଖ ଯୋଗଦେଇ ଦେଇଥିଲେ। କାର୍ଯ୍ୟକ୍ରମକୁ ମୋହନା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଆରତୀ ପାଢ଼ୀ, ଶିଶୁ ବିଦ୍ୟାମନ୍ଦିର ଜାନକୀ ବଲବ ବିଷୋୟୀ, ଉପଦେଷ୍ଟା ବାବୁଲା ସେଠୀ ସଞ୍ଚାଳନ କରିଥିଲେ।

## ପ୍ରି ଖ୍ରୀଷ୍ଟମାସ ଓ କାଣ୍ଟାଣ୍ଟା ପାଳିତ



କାଣ୍ଟାଣ୍ଟା କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

ଦାରିଙ୍ଗବାଡ଼ି, ୮।୧୨ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ହେଲିପ୍ୟାଡ଼ ପଡ଼ିଆ ଠାରେ ଶନିବାର ସନ୍ଧ୍ୟାରେ ପ୍ରି-ଖ୍ରୀଷ୍ଟିମାସ ତଥା କାଣ୍ଟାଣ୍ଟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥିଭାବେ ଦାରିଙ୍ଗବାଡି ରିପୋର୍ଟର୍ସ ଆସୋସିଏସନର ସଭାପତି ଅରୁଣ ସାହୁ, ଅଜିତ ନାୟକ, ସରପଞ୍ଚ ସୁଶ୍ରୀ ଚନ୍ଦ୍ରିକା ମଲିକ, ବଣିକ ସଙ୍ଘ ସଭାପତି ଲଡୁ କିଶୋର ସାହୁ, ହୋଟେଲ ସଙ୍ଘ ସଭପତି ଗିରିଶ ଚନ୍ଦ୍ର ସାହୁ, କାଣ୍ଟାଣ୍ଟାର ନିର୍ଦ୍ଦେଶକ ରେଭେଣ୍ଡର ରଜତ ଭୂଷଣ ନାୟକ, ଆନନ୍ଦ ଚନ୍ଦ୍ର ନାୟକ, କାଣ୍ଟାଣ୍ଟାର କାର୍ଯ୍ୟକ୍ରମ ପରିଚାଳକ ଫ୍ରାଇଡ ନେଲସନ ଖୋସଲା ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସନ୍ୟାସୀ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ କାଣ୍ଟାଣ୍ଟା ସମ୍ପର୍କରେ ନାଟକ ପରିବେଷଣ ସହ ନୃତ୍ୟ, ସଙ୍ଗୀତ ଆଦି ପରିବେଷଣ କରାଯାଇଥିଲା।

## ଘର ପାଖରେ ଧାନ ବିକ୍ରୟ କରିବେ ଚାଷୀ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

ଫୁଲବାଣୀ,୮।୧୨(ରାକେଶ କୁମାର ରାଉତ)

ଚାଷୀମାନଙ୍କୁ ଇନ୍‌ପୁଟ ସହାୟତା ରାଶି ବଣ୍ଟନ ଶୁଭାରମ୍ଭ ଅବସରରେ ସ୍ଥାନୀୟ କରୋନେଶନ ପଡିଆରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଆମ ସରକାର ଚାଷୀମାନଙ୍କୁ ସମ୍ମାନ ଜଣାଇବା ସହିତ ସେମାନଙ୍କୁ ସେମାନଙ୍କର କଠିନ ପରିଶ୍ରମର ମୂଲ୍ୟ ଦେବାକୁ ଯାଉଛି । ମୁଖ୍ୟମନ୍ତ୍ରୀ ଯେଉଁ ଅତିରିକ୍ତ ଇନ୍‌ପୁଟ ସହାୟକ ମୂଲ୍ୟ ଘୋଷଣା କରିଛନ୍ତି, ତାହା ଧାନ ବିକ୍ରୟର ୪୮ ଘଣ୍ଟା ମଧ୍ୟରେ ଚାଷୀମାନଙ୍କ ଆକାଉଣ୍ଟରେ ଜମାହେବ। ତାଙ୍କର ଅନୁରୋଧ କ୍ରମେ ଜିଲ୍ଲାପାଳ ଆସନ୍ତା ମାସରୁ ଆଉ ୪୪ଟି ରିଟେଲ ପଏଣ୍ଟ ଖୋଲିଛନ୍ତି । ଫଳରେ ନିଜର ଘର ପାଖରେ ଧାନ ବିକ୍ରୟ କରିବା ସହିତ ଆଗାମୀ ଦିନରେ ରାଶନ ଚାଉଳ ମଧ ସଂଗ୍ରହ କରିପାରିବେ ବୋଲି ବିଧାୟକ ମଲ୍ଲିକ କହିଥିଲେ। କନ୍ଧମାଳ ଜିଲାପାଳ ଅମ୍ରିତ ଋତୁରାଜ ଖରିଫ ୨୦୨୪-୨୫ ବର୍ଷ ସକାଶେ ଧାନକ୍ରୟ ଉପରେ ସୂଚନା ଦେଇଥିଲେ । ଆଶା କରାଯାଉଛି ଚଳିତ ବର୍ଷ ଅଧିକ ପରିମାଣର ଧାନ ମଣ୍ଡିକୁ ଆସିବ । ଚାଷୀମାନଙ୍କ ସୁବିଧା ପାଇଁ ଚଳିତ ବର୍ଷ ଅଧିକ ସଂଖ୍ୟକ ରିଟେଲ ପଏଣ୍ଟ ଓ ରେଜିଷ୍ଟ୍ରେସନ ପଏଣ୍ଟ ଖୋଲାଯିବ । ଫଳରେ ଚାଷୀମାନେ ଅଧିକ ସଂଖ୍ୟାରେ ପଞ୍ଜୀକରଣ କରିବେ ଓ ଧାନ ବିକ୍ରୟ କରିପାରିବେ ବୋଲି ଜିଲାପାଳ କହିଥିଲେ। ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର ଚଳିତ ବର୍ଷ ୧ଲକ୍ଷ କ୍ୱିଣ୍ଟାଲରୁ ଅଧିକ ଧାନ କ୍ରୟ ପାଇଁ ଆଶା କରାଯାଉଛି ବୋଲି କହିଥିଲେ। ଧାନ ଅମଳରେ ବିଳମ୍ବ ଓ ଚାଷୀମାନଙ୍କ ଅନୁରୋଧକୁ ଦୃଷ୍ଟିରେ ରଖି ଆସନ୍ତା୨୪ ତାରିଖରୁ ଧାନ କ୍ରୟ ଆରମ୍ଭ ହେବ ବୋଲି ମିଶ୍ର କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଉପ ଜିଲ୍ଲାପାଳ ଚିତ୍ତରଞ୍ଜନ ମହନ୍ତଙ୍କ ସମେତ ବହୁ ସଂଖ୍ୟାରେ ଚାଷୀ, ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ।

## କୁଇଜ୍ ପ୍ରତିଯୋଗିତାରେ ଅଭିଲାଷ ପ୍ରଥମ




ଜି. ଉଦୟଗିରି,୮।୧୨ (ଚିନ୍ମୟ କୁମାର ସେଠୀ)

ଫୁଲବାଣୀରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଜି.ଉଦୟଗିରି ହବାକ ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ଅଭିଲାଷ ପଟ୍ଟନାୟକ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ମେଧାବୀ ଛାତ୍ର ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ବେଳେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ଆୟୋଜିତ ଏହି ପ୍ରତିଯୋଗିତାରେ ଶକ୍ତି ସଂରକ୍ଷଣ ବିଷୟ ବସ୍ତୁକୁ ନେଇ ଆୟୋଜିତ ଲିଖିତ କୁଇଜ ପ୍ରତିଯୋଗିତାରେ ମଧ କୃତକାର୍ଯ୍ୟ ହୋଇଛନ୍ତି।

# କ୍ରିକେଟ୍ ଟୁର୍ନାମେଣ୍ଟ, ପାୱାର ହିଟର୍ସ ଚାମ୍ପିୟନ



ଗଞ୍ଜାମ,୮।୧୨ (ବିଦ୍ୟାଧର ସାହୁ):

ଗଞ୍ଜାମ ବ୍ଲକ ପାଲିବନ୍ଧ ପଞ୍ଚାୟତ ଅନ୍ତର୍ଗତ ମୟୁରପଦା ଯୁବଗୋଷ୍ଠୀଙ୍କ ଦ୍ୱାରା ରବିବାର ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଦଳ ଗୋଟିଏ ଲେଖାଏଁ ବିଜୟ ହାସଲ କରିଥିଲେ। ଏଥିପାଇଁ ନେଟ ରନ୍‌ରେଟ ଆବଶ୍ୟକତା ଭିତ୍ତିରେ ପାୱାର ହିଟର ଏବଂ ଇଗଲ ଏକାଦଶ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ପାୱାର ହିଟର୍ ନିର୍ଦ୍ଧାରିତ ୮ ଓଭରରେ ୯୭ ରନର ବିଜୟ ଲକ୍ଷ୍ୟ ଦେଇଥିଲେ। ଏହାକୁ ଇଗଲ ଏକାଦଶ ଦଳ ପିଛା କରି ୮ ଓଭର୍ କେବଳ ୭୦ ରନ୍ କରି ପରାସ୍ତ ହୋଇଥିଲା। ପାୱାର ହିଟର୍ସ ୨୬ରେ ବିଜୟ ହୋଇ ସଫଳତା ହାସଲ କରିଥିଲେ। ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ସି.ଏଚ୍ ମୋହନ ଏବଂ ସିରିଜ ଏ.ପ୍ରକାଶ ଚନ୍ଦ୍ର ରେଡ୍ଡୀଙ୍କୁ ବିବେଚିତ କରାଯାଇଥିଲା। ବିଜୟୀ ଦଳକୁ ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗଦେଇ ପାୱାର ହିଟର୍ସଙ୍କୁ ବିଜୟୀ କପ୍ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ହୁମ୍ମା ସମିତି ସଭ୍ୟ ଦ୍ରୁବଚରଣ ପଲାଇ, ସୁନିଲ ପ୍ରଧାନ, ସମାଜସେବୀ ସଂଜୟ ସ୍ୱାଇଁ, ତ୍ରିପତି ଆଚାରି, ପ୍ରମୋଦ ପ୍ରଧାନ, ଧରଣୀ ରେଡ୍ଡୀ ଏବଂ ବାଉରୀବନ୍ଧୁ ରେଡ୍ଡୀ ଉପସ୍ଥିତ ଥିଲେ।

# ଜିଲା ଜନସ୍ୱାସ୍ଥ୍ୟ ବିଭାଗର ତଦନ୍ତ ଆରମ୍ଭ

## ମଧ୍ୟାହ୍ନଭୋଜନ ଖାଇ ଛାତ୍ରୀଛାତ୍ର ଅସୁସ୍ଥ ଘଟଣା

ଦାରିଙ୍ଗବାଡ଼ି,୮।୧୨ (ଅରୁଣ ସାହୁ)

କକନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଇ ୩୬ ଜଣ ଛାତ୍ରୀଛାତ୍ର ଅସୁସ୍ଥ ଘଟଣାରେ ୧୨ ଜଣ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବା ବେଳେ ସେମାନଙ୍କ ମଧ୍ୟରୁ ୯ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅନ୍ୟ ୩ ଜଣଙ୍କ ମଧ୍ୟରୁ ଚତୁର୍ଥ ଶ୍ରେଣୀ ଛାତ୍ରୀ ଲୁଇସା ପରିଚ୍ଛାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଲୁଇସାଙ୍କ ଚିକିତ୍ସ ପାଇଁ ବିଡ଼ିଓ ୫ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଆଉ ୨ଜଣ ଛାତ୍ରୀ ନିକିତା ପ୍ରଧାନ, ଆଦ୍ୟାଶା ନାୟକଙ୍କୁ ୨୪ ଘଣ୍ଟା ପାଇଁ ଅବଜେରବେଶନରେ ରଖାଯିବ ବୋଲି ଡାକ୍ତର ଅମିତ ଦାସ କହିଛନ୍ତି। ଘଟଣାକୁ ଜିଲା ପ୍ରଶାସନ ଗୁରୁତ୍ୱର ଭାବେ ନେଇଛି। ରବିବାର ସକାଳେ ଜିଲା ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରୁ ଏକ ତଦନ୍ତକାରୀ ଦଳ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଡାକ୍ତରଙ୍କଠାରୁ ବୁଝିଥିଲେ। ପରେ ସିମନବାଡ଼ି ପହଞ୍ଚି ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଦେଶୀ ନାୟକ ଏବଂ ଅନ୍ୟ ସହକାରୀ ଶିକ୍ଷୟିତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ ରୋଷେଇ ଦାୟିତ୍ୱରେ ରହିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ପଚରାଉଚରା କରିଛନ୍ତି। ଏହା ସହିତ ମଧ୍ୟାହ୍ନଭୋଜନ ପାଇଁ ରଖାଯାଇଥିବା ଚାଉଳର ନମୁନା ସଂଗ୍ରହ କରି ରୋଷେଇଶାଳ ଓ ଚାଉଳ ରଖାଯାଇଥିବା ଷ୍ଟୋର ରୁମକୁ ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଦ୍ୟାଳୟରେ ନଳକୂପ ରହିଥିବା ବେଳେ ସେଥିରୁ ବାହାରୁ ଥିବା ପାଣି ପିଇବା ପାଇଁ ବ୍ୟବହାର ସହ ଛାତ୍ରୀଛାତ୍ରଙ୍କ ପାଇଁ ରୋଷେଇ ଓ ଅନ୍ୟ କାର୍ଯ୍ୟପାଇଁ ବ୍ୟବହାର କରୁଛନ୍ତି, ଯାହାକି ଦୂଷିତ ପରିବେଶ ମଧ୍ୟରେ ଉକ୍ତ ନଳକୂପ ରହିଥିବା ତଦନ୍ତ ଦଳ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପରିତ୍ୟକ୍ତ ରୋଷେଇ ଗୃହରେ ପିଲାଙ୍କ ପାଇଁ ମଧ୍ୟାହ୍ନଭୋଜନ ରୋଷେଇକୁ ନେଇ ତଦନ୍ତ ଟିମ ଚିନ୍ତା ପ୍ରକଟ କରିଛନ୍ତି। ସେହିପରି ଆଗକୁ ମଧ୍ୟାହ୍ନଭୋଜନ ରୋଷେଇରେ ଆହୁରି ସ୍ୱଚ୍ଛତା ଆଣିବାକୁ ମହିଳା ରୋଷେୟା ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଦଳରେ ଜିଲାର ଏପିଡେମୋଲୋଜିଷ୍ଟ ସ୍ପନ୍ଦନ ଭଞ୍ଜଦେଓ, ଜିଲା ଖାଦ୍ୟ ନିରାପତ୍ତା ଓ ମାନ ପ୍ରାଧିକରଣ ଅଧିକାରୀ ସତ୍ୟବ୍ରତ ଷେଣ୍ଢେ ପ୍ରମୁଖ ଥିଲେ।



## ବିଦ୍ୟୁତ୍ ଫାସରେ ବାରହା ମୃତ, ଶିକାରୀ ଗିରଫ

ବେଲଗୁଣ୍ଠା,(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ବେଲଗୁଣ୍ଠା ସେକ୍ସନ୍ ଅନ୍ତର୍ଗତ କୁତୁଡାଇ ଗ୍ରାମରେ ବନ୍ୟଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ତାର ସଂସ୍ପର୍ଶରେ ଆସି ଏକ ବାରହା ମୃତ୍ୟୁ ହୋଇଥିଲା। ଏହିଘଟଣାରେ ବନ ବିଭାଗ ଜଣେ ଶିକାରୀଙ୍କୁ ଗିରଫ କରିଛି। ସେ ହେଲେ ତାରସିଂ ଥାନା ଅନ୍ତର୍ଗତ ଘାଟିପଲ୍ଲୀ ଗ୍ରାମର ପ୍ରଫୁଲ୍ଲ ନାୟକ। ବନ ବିଭାଗ ଅଧିକାରୀ ବିବେକ ଦାସଙ୍କ ନେତୃତ୍ୱରେ ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀଣି ସୁଜାତା ରାଣୀ ପଣ୍ଡା ଏବଂ ବେଲଗୁଣ୍ଠା ସେକ୍ସନ୍ ବନପାଳ ଜି.ଭେଙ୍କଟ ରାଓ ଦୋରା ନିଜର ଟିମ୍ ମୃତ ବାରହା ଜବତ କରିଥିଲେ। ତାର ସିଂ ଭିଏସ୍ ଡାକ୍ତର ବିଭୂ କଲ୍ୟାଣ ପରିଡ଼ା ବାରହାର ମୃତଦେହ ବ୍ୟବଚ୍ଛେଦ କରିଥିଲେ।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ଦିଗପହଣ୍ଡି,୮।୧୨(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି – ବ୍ରହ୍ମପୁର ୧୭ ନଂ ରାଜ୍ୟ ରାଜପଥର ଗୋକର୍ଣ୍ଣପୁର ଗ୍ରାମ ନିକଟରେ ଶନିବାର ପିକ୍ଅପ ଭ୍ୟାନ (ନଂ. ଓଡ଼ି ୦୭ ଏଏସ ୨୮୫୭) ଧକ୍କାରେ ସ୍କୁଟି ଚାଳକ ବ୍ରହ୍ମପୁର ସଦର ଥାନା ରୋହିଗାଁର ସନ୍ତୋଷ ସେଠୀ ଗୁରୁତର ହୋଇଥିଲେ। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଦିଗପହଣ୍ଡି ପୋଲିସ ମାମଲା ନଂ.୪୮୫/୨୪ ଅନୁଯାୟୀ ରବିବାର ସକାଳେ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶନିବାର ଅପରାହ୍ନରେ ପିକ୍ଅପ ଭ୍ୟାନଟି ସ୍କୁଟି(ନଂ.ଓଡି ୦୭ ଏଏ ୯୦୧୫)କୁ ଧକ୍କା ଦେବାରୁ ସନ୍ତୋଷ ଏବଂ ତାଙ୍କ ସାଙ୍ଗ ରିଙ୍କୁ ଜେନା ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ଉଦ୍ଧାର ପରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟି ଜବତ କରିଛି।

## କବିତା ଆସର କବିଙ୍କୁ ପ୍ରେରଣା ଦେଇଥାଏ

ବ୍ରହ୍ମପୁର,୮।୧୨(ସ୍ମୃତି ରଞ୍ଜନ ମହାଲିକ) ସାହିତ୍ୟ ପରିଷଦ ପକ୍ଷରୁ ରବିବାର କବିତା ଆସର ଶାନ୍ତିନଗର ସ୍ଥିତ ମହିଳା ଗୋଷ୍ଠୀ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କବି ସୁଶାନ୍ତ ଦାସ ସଭାପତିତ୍ୱ କରିଥିଲେ। କବି ଓ ନାଟ୍ୟକାର ଯାମିନୀକାନ୍ତ ଦାଶ ଉଦଘାଟକ ରୂପେ ଯୋଗ ଦେଇଥିଲେ। କବିତା ଆସର କବିଙ୍କୁ ପ୍ରେରଣା ଦେଇଥାଏ ବୋଲି ସେ କହିଥିଲେ। ସଂସ୍କୃତି ପ୍ରେମୀ ଗଙ୍ଗାଧର ମହାନ୍ତ୍ତି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପରିଷଦର ସଂଯୋଜିକା ମଧୁସ୍ମିତା ସାହୁଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ନନ୍ଦିନୀ ମହାରଣା, ବିଜୟ ମିଶ୍ର, ଦିପ୍ତି ଲେଖା ମିଶ୍ର, ବୃନ୍ଦାବନ ପଣ୍ଡା, ସୁନୀଲ କୁମାର ପ୍ରଧାନ, କବିପ୍ରମୋଦ ପଣ୍ଡା ଓ ମିହିର ରଥ ଶର୍ମା ପ୍ରମୁଖ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ତ୍ରିପାଠୀ ଓ ଦିପ୍ତିମତା ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଧରାକୋଟ,୮।୧୨(ବିଷ୍ଣୁକେଶରୀ ଆଚାର୍ଯ୍ୟ): ଧରାକୋଟ ନିକଟ ମୁଣ୍ଡମରାଇସ୍ଥିତ ଅନନ୍ତ ନାରାୟଣ ବିଦ୍ୟାପୀଠ ଖେଳ ପଡିଆରେ ସନ୍ତୋଷୀ, ଜଗନ୍ନାଥ, ତାପସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ମୁଣ୍ଡମରାଇ ଗ୍ୟାଲେକ୍ସି ଇଲେଭେନ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟକୁ ସାମାଜିକ କର୍ମୀ ସୁରେନ୍ଦ୍ର ନାଥ ଗୌଡ଼ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ମାନିନୀ ପାତ୍ର, ଏବିଇଓ ସୀମାଞ୍ଚଳ ବେହେରା, ମନୋଜ ମୁନି, ଅଶୋକ ସାହୁ, ଜ୍ୟୋତି ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେବେ। ଉଦ୍‌ଘାଟନୀ ମ୍ୟାଚ ଇଗଲ କ୍ରିକେଟ କ୍ଲବ, ହିଞ୍ଜିଳି ଓ ପାୱାର ଟିମ, ଆସିକା ମଧ୍ୟରେ ହୋଇଥିଲା। ହିଞ୍ଜିଳି ଟିମ୍ ବିଜୟୀ ହୋଇଛି। ଅମ୍ପାଏର ଭାବେ ହରିଶଙ୍କର ପତି ଓ ଚକ୍ରଧର ପ୍ରଧାନ ଦାୟିତ୍ୱ ତୁଲାଇଥିବା ବେଳେ ପ୍ରଶାନ୍ତ କୁମାର ଡାକୁଆ ଧାରା ବିବରଣୀ ପ୍ରଦାନ କରିଥିଲେ। ରିଙ୍କୁ ସେଠୀ, ଅନିଲ ସୁଆର, ହୃଷୀକେଶ ମହାରଣା, ଆଲୋକ ରାଉତ, ଟୁନା ସେଠୀ ଓ ଦେବାଶିଷ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର କର୍ମଶାଳା

ବ୍ରହ୍ମପୁର,୮।୧୨(ସ୍ୱାଧୀନ ଶେଖର ପାଢ଼ୀ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ବିଭାଗୀୟ ମୁଖ୍ୟ ଡ଼. ସୁଶୀଲ କୁମାର ରାଠୋରଙ୍କ ପୌରୋହିତ୍ୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷା ପ୍ରଫେସର ପଦ୍ମିନୀ ସାହୁ, ବରିଷ୍ଠ ଅଧ୍ୟାପକ ଡ଼. ଦୀପକ କୁମାର ମିଶ୍ର ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ସହକାରୀ ଶିଳ୍ପ ଅଧିକାରୀ ପ୍ରିୟାଂଶୁ ପଟ୍ଟନାୟକ, ବି. ପାଣିଗ୍ରାହି, ଲିଙ୍ଗରାଜ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଏନ. ସି ପଟ୍ଟନାୟକ ଓ ଡ଼. ଟି. ପବନ କୁମାର ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ସ୍ନାତକୋତ୍ତର ଶିକ୍ଷା ସାରିବା ପରେ ସେମାନଙ୍କ ବୃତ୍ତି ଭାବେ ରହିଥିବା ସମ୍ଭାବନା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଅଧ୍ୟାପକ ଡ. ବିଭୂତି ପ୍ରସାଦ ବାରିକ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ବିଭାଗର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ମୁଖିଆବିହୀନ ଏମ୍‌କେସିଜି ମେଡିକାଲ କଲେଜ

# ଅଧୀକ୍ଷକ ସମ୍ଭାଳୁଛନ୍ତି ଅଧ୍ୟକ୍ଷ ଦାୟିତ୍ୱ

ବ୍ରହ୍ମପୁର, ୮।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ବର୍ତ୍ତମାନ ନାନା ସମସ୍ୟା ଦେଇ ଗତି କରୁଛି। ଜିଲ୍ଲା ପ୍ରଶାସନିକ ବ୍ୟବସ୍ଥା ଯୋଗୁ ଉଭୟ କଲେଜ ଓ ମେଡିକାଲରେ ବିଶୃଙ୍ଖଳା ଦେଖାଦେଉଛି। ପ୍ରାୟ ୬ମାସରୁ ଅଧିକ ସମୟ ହେଲା ମେଡିକାଲ କଲେଜ ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଛି। ରାଜ୍ୟ ସରକାର ନୂତନ ଅଧ୍ୟକ୍ଷ ନିଯୁକ୍ତି କରୁନାହାନ୍ତି। ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଚିତ୍ରା ଦାଶଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ସେ ଦୁଇଟି ପଦବୀରେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଶାସନିକ ବ୍ୟବସ୍ଥା ସମ୍ଭାଳିବା ପାଇଁ ୨ଜଣ ମୁଖିଆଙ୍କ ପଦବୀ ରହିଛି। ହେଲେ ଏବେ ଜଣେ ତାହା ସମ୍ଭାଳୁଛନ୍ତି। ଯାହାକି ତାଙ୍କ ପକ୍ଷେ ସମ୍ଭବ ହୋଇପାରୁନାହିଁ। ବିଗତ ଦିନରେ ମେଡିକାଲ କଲେଜରେ ବାରମ୍ବାର ରାଗିଂ ଭଳି ଘଟଣା ନଜରକୁ ଆସିଥିବାରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ଦକ୍ଷତାକୁ ନେଇ ବର୍ତ୍ତମାନ ପ୍ରଶ୍ନ ଉଠୁଛି।

ଏମ୍‌କେସିଜି ମେଡିକାଲ ଉପରେ ଦକ୍ଷିଣ ଓଡ଼ିଶା ସହିତ ପଡୋଶୀ ରାଜ୍ୟ ଆନ୍ଧ୍ର ସୀମାନ୍ତ ଅଞ୍ଚଳବାସୀ ନିର୍ଭର କରନ୍ତି। ସେହିପରି ମେଡିକାଲ କଲେଜରେ ରାଜ୍ୟ ତଥା ରାଜ୍ୟ ବାହାର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। କଟକ ଏସ୍‌ସିବି ମେଡିକାଲ ପରେ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଉପରେ ଲୋକଙ୍କ ଭରସା ରହିଛି। କିନ୍ତୁ ସରକାରୀ ଉଦାସୀନତାରୁ ଏହି ମେଡିକାଲ କଲେଜର ପ୍ରଶାସନିକ ବ୍ୟବସ୍ଥା ବର୍ତ୍ତମାନ ଭୁଶୁଡିଲାଣି। ସ୍ଥାୟୀ ଅଧ୍ୟକ୍ଷ ନ ଥିବାରୁ କର୍ମଚାରୀମାନେ ମଧ୍ୟ ନୀତିନିୟମ ମାନୁ ନ ଥିବା ଅଭିଯୋଗ ହେଉଛି। ଯଦି ଏଭଳି ସ୍ଥିତି ଲାଗି ରହେ ତେବେ ଏହି ମେଡିକାଲ କଲେଜରେ ଆଉ ଶୃଙ୍ଖଳା ରହିବ ନାହିଁ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ହେବ ଓଡ଼ିଶା ପରିବେଶ କଂଗ୍ରେସ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ପରିବେଶ କଂଗ୍ରେସର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର,୮।୧୨(ସ୍ମୃତି ରଞ୍ଜନ ମହାଲିକ)

ବେଳାଭୂମି ଓ ପର୍ଯ୍ୟାବରଣ ବିଷୟକୁ ନେଇ ୧୫ତମ ଓଡିଶା ପରିବେଶ କଂଗ୍ରେସ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହେବ। ଏ ନେଇ ଓଡିଶା ପରିବେଶ କଂଗ୍ରେସ ପକ୍ଷରୁ ରବିବାର କମାପଲ୍ଲୀସ୍ଥିତ ଏକ ଘରୋଇ ସ୍କୁଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଆସନ୍ତା ୨୦ରୁ ୨୨ ତାରିଖ ଯାଏଁ ଉପକୂଳ ଓ ପରିବେଶ ସଂପର୍କରେ ମହାସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ଦେଶ ବିଦେଶରୁ ବହୁ ପରିବେଶବିତମାନେ ଯୋଗ ଦେବେ। ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଜନିତ ବିପର୍ଯ୍ୟୟ ଓ ମଣିଷ ସମାଜ ପାଇଁ ରହିଥିବା ଆହ୍ୱାନ ସଂପର୍କରେ ସେମାନେ ମତ ରଖିବେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶ ଏଥିରେ ଅଧ୍ୟକ୍ଷତା କରିବାକୁ ଥିବା ବେଳେ ପରିବେଶବିତ ଜଳ ପୁରୁଷ ଡ ରାଜେନ୍ଦ୍ର ସିଂ କାର୍ଯ୍ୟକ୍ରମକୁ ଉଦଘାଟନ କରିବେ ବୋଲି ସଭାପତି ସୁଧୀର ରାଉତ ସୂଚନା ଦେଇଛନ୍ତି। ଏଥିସହ ଗ୍ରୀନ ନୋବେଲ ପୁରସ୍କାର ବିଜେତା ପ୍ରଫୁଲ ସାମନ୍ତରା, ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ନିର୍ଦ୍ଦେଶକ ଡ ପ୍ରେମ କୁମାର ଝା, ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ଶତପଥୀ, ପୂର୍ବତନ କୁଳପତି ପ୍ରମୁଖ ଡ ଶିବ ପ୍ରସାଦ ଅଧିକାରୀ, ପରିବେଶ କଂଗ୍ରେସର ଅଧ୍ୟକ୍ଷ ଡ ଅରବିନ୍ଦ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେବେ। ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, ରଚନା, ଚିତ୍ରାଙ୍କନ, ପରିବେଶ ଭିତ୍ତିକ ଗୀତ ଓ କୁଇଜ ଅନୁଷ୍ଠିତ ହେବ। ବୈଠକରେ ଆୟୋଜକ ଇଟି ରାଓ ଓ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ଖାଡଙ୍ଗାଙ୍କ ସମେତ ପରିବେଶ କଂଗ୍ରେସର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ୨୨ ବ୍ଲକରୁ ୬୬ ପ୍ରତିଯୋଗୀ ଭାଗନେଲେ



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

ବ୍ରହ୍ମପୁର,୮।୧୨(ସ୍ୱାଧୀନ ଶେଖର ପାଢ଼ୀ ):

### ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା

ବ୍ରହ୍ମପୁରସ୍ଥିତ ଭିଭି ଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ସପ୍ତାହ ଉପଲକ୍ଷେ ଜିଲ୍ଲାସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ରାଜ୍ୟ ସରକାରଙ୍କ ସେଣ୍ଟର ଫର୍ ଏନ୍‌ଭାମେଣ୍ଟାଲ ଷ୍ଟଡିସ ଓ ବ୍ୟୁରୋ ଅଫ ଏନର୍ଜି ଏଫିସିଏନ୍ସିର ମିଳିତ ସହାୟତାରେ ଏହା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ପ୍ରଧାନ ଭବିଷ୍ୟତର ଶକ୍ତି ସଙ୍କଟକୁ ଦୂର କରିବା ପାଇଁ ସଂରକ୍ଷଣ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା, ସିଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ପନ୍ନଗ ଭୂଷଣ ମାଝୀ ଓ ଇକୋ କ୍ଲବ ଜିଲ୍ଲା ସଂଯୋଜକ ଡ.ଶଙ୍କର ନାରାୟଣ ବେଜ ଯୋଗ ଦେଇଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରତିଯୋଗିତାରେ ଜିଲ୍ଲାର ୨୨ ବ୍ଲକରୁ ୬୬ଜଣ ପ୍ରତିଯୋଗୀ ଗାଇଡ ଶିକ୍ଷକଙ୍କ ସହ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଓଏଭି, ଚମାଖଣ୍ଡିର ଆର୍. ଆଦିତ୍ୟ କୁମାର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଏଭି, ରାଜପୁର ଅନ୍ୱେଶା ରାଣୀ ସ୍ୱାଇଁ ଦ୍ୱିତୀୟ ଓ ସିବାନ ନୋଡାଲ ଉଚ୍ଚବିଦ୍ୟାଳୟର ଦୀପକ ପ୍ରଧାନ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଆଦିତ୍ୟ ଆସନ୍ତା ୧୪ ତାରିଖରେ ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଉତ୍ସବରେ ଯୋଗ ଦେବେ। ଦିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୨,୦୦୦ ଓ ୧,୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

## ୧୦ରେ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆନ୍ଦୋଳନ

ବ୍ରହ୍ମପୁର,୮।୧୨(ସ୍ୱାଧୀନ ଶେଖର ପାଢ଼ୀ ): ଆସନ୍ତା ୧୦ ତାରିଖରେ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ରାଲି ଓ ଆନ୍ଦୋଳନ କରାଯିବ। ଏ ନେଇ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ପ୍ରେମନଗର ଓଷ୍ଟା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ନିଷ୍ପତି ନିଆଯାଇଛି। ଦୀର୍ଘ ଦିନରୁ ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀମାନେ ସରକାରକୁ ସମସ୍ୟା ଜଣାଇବା ସହ ବିଭିନ୍ନ ଦାବି ଉପସ୍ଥାପନ ଆସୁଛନ୍ତି। ସରକାର କେବଳ ପ୍ରତଶ୍ରୁତି ଦେଉଥିବା ବେଳେ ଦାବି ପୂରଣ କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି। ଜିଲ୍ଲା ଓଷ୍ଟା ସଭାପତି ସନ୍ତୋଷ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏଲୋଷ୍ଟା ରାଜ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା ନୂତନ ଅନୁଦାନ ପ୍ରାପ୍ତ ସଂଘର ସଭାପତି ବିଜୟ କୁମାର ମହାରଣା, ଅଣଅନୁଦାନପ୍ରାପ୍ତର କେ. ପୂର୍ଣ୍ଣ ଚନ୍ଦ୍ର ଦୋରା, ବାସନ୍ତୀ କୁମାର ଷଡ଼ଙ୍ଗୀ, ଜିଲ୍ଲା ଉପସଭାପତି ଅଶୋକ କୁମାର ହୋତା, ଯୁଗ୍ମ ସମ୍ପାଦକ ପିତାମ୍ବର ପାଢ଼ୀ, ରାଜ୍ୟ ଓଷ୍ଟା କାର୍ଯ୍ୟକାରିଣୀ ସଦସ୍ୟ ଡ଼. ବିଜୟ ଚନ୍ଦ୍ର ମହାରଣା, ଅନୁଦାନ ପ୍ରାପ୍ତ ସଂଘର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ ମଞ୍ଚାସୀନ ଥିଲେ। ସମସ୍ତ ବର୍ଗର ଶିକ୍ଷକ ଓ କର୍ମଚାରୀ ଏକତ୍ରିତ ହୋଇ ଆନ୍ଦୋଳନ ସଫଳ କରିବାକୁ ଅନୁରୋଧ କରାଯାଇଥିଲା।

## ଗୋସାଣୀ ନୂଆଗାଁ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ।

ବ୍ରହ୍ମପୁର,୮।୧୨(ସ୍ମୃତି ରଞ୍ଜନ ମହାଲିକ): ଗୋସାଣୀ ନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ୩୬ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନାଚାର୍ଯ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ରୂପେ ଅକ୍ଷୟ କୁମାର ପାଢି କ୍ରୀଡାର ଭୂମିକାକୁ ପ୍ରତିପାଦନ କରିଥିଲେ। ସମ୍ମାନିତ ଅତିଥି ରୂପେ ୨୬ନଂ ୱାର୍ଡ କର୍ପୋରେଟର ଧୀରେଶ ସାବତ ଯୋଗ ଦେଇ ଛାତ୍ର ଜୀବନରେ କ୍ରୀଡାର ଆବଶ୍ୟକତା ସଂପର୍କରେ କହିଥିଲେ। ବିଦ୍ୟାଳୟର ସଂପାଦକ ପ୍ରକାଶ ଚନ୍ଦ୍ର ପାତ୍ର କ୍ରୀଡାଦ୍ୱାରା ନିଜର ବିକାଶ ହୁଏ ବୋଲି କହିଥିଲେ। ବିଦ୍ୟାଳୟ ସଭାପତି ପ୍ରଦୀପ କୁମାର ଦାଶ ଶିଶୁଙ୍କୁ କ୍ରୀଡାର ମହତ୍ତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ଭଗବାନ ଚୌଧୁରୀ, ରବିନ୍ଦ୍ର କୁମାର ସାହୁ, ପ୍ରଫୁଲ୍ଲ କୁମାର ପାତ୍ର ନିଜର ମତ ପ୍ରଦାନ କରିଥିଲେ। ବିଦ୍ୟାଳୟ ଆଚାର୍ଯ୍ୟ ରାଜେନ୍ଦ୍ର ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାକିରି ନାଁରେ ଲକ୍ଷାଧିକ ଠକେଇ, ଜଣେ ଗିରଫ

ବ୍ରହ୍ମପୁର,୮।୧୨(ସୁବାସ ଚନ୍ଦ୍ର ପାଢ଼ୀ):

### ମୁଖ୍ୟ ଅଭିଯୁକ୍ତ ବାପାପୁଅ ଫେରାର

ବିଭିନ୍ନ ସଂସ୍ଥାରେ ଚାକିରି କରାଇଦେବା ନାଁରେ ଗଜପତି, କନ୍ଧମାଳ ଜିଲ୍ଲାର ଏକାଧିକ ଯୁବକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକେଇ ଅଭିଯୋଗ ପରେ ଟାଉନ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଆମ୍ବପୁଆର ଜେଭି କ୍ରିଷ୍ଣାସାଗର(୬୦) । ଘଟଣାର ମାଷ୍ଟରମାଇଣ୍ଡ ୨ ଅଭିଯୁକ୍ତ ବାପାପୁଅ ଫେରାର ଥିବା ଡ଼ିଏସପି ତଥା ତଦନ୍ତକାରୀ ଅଧିକାରୀ ଅକ୍ଷୟ କୁମାର ପଣ୍ଡା କହିଛନ୍ତି।

ପ୍ରକାଶ ଯେ, ମୋହନ ମଲିକ, ତାଙ୍କ ପୁଅ ଆଦିତ୍ୟ ମଲିକ ଓ ଅଭିଯୁକ୍ତ କ୍ରିଷ୍ଣାସାଗର ଗାନ୍ଧୀନଗର ୫ମ ଲାଇନରେ ହ୍ୟୁମାନ ରାଇଟ୍ସ ଫାଉଣ୍ଡେସନ ଅଫ ଓଡିଶା ନାମକ ଏକ ସଂସ୍ଥା ଖୋଲିଥିଲେ । ଏହି ସଂସ୍ଥା ଜରିଆରେ ବେକାର ଯୁବତୀ ଯୁବକଙ୍କୁ ବିଭିନ୍ନ ଘରୋଇ ବ୍ୟାଙ୍କ ଓ ଫାଇନାନ୍ସ କମ୍ପାନୀରେ ଚାକିରି କରାଇଦେବେ ବୋଲି କହିଥିଲେ। ଅଭିଯୁକ୍ତମାନେ ଗଜପତି ଜିଲ୍ଲାର ମିଲୁ ନାୟକଙ୍କୁ ଜିଲ୍ଲାର ସଂଯୋଜକ ଭାବେ ନିଯୁକ୍ତ କରି ବେକାର ଯୁବକ ଯୁବତୀଙ୍କ ଠାରୁ ବାୟୋଡାଟା ସହ ଟଙ୍କା ସଂଗ୍ରହ କରିବାକୁ କହିଥିଲେ। ମିଲୁ , ଗଜପତି, କନ୍ଧମାଳ ବୌଦ୍ଧ ଜିଲ୍ଲାର ଅଷ୍ଟମ ଶ୍ରେଣୀ ପାସ କରିଥିବା ବେକାର ଯୁବତୀ ଯୁବକଙ୍କ ସହ ଅନ୍ୟ ଆଦିବାସୀ ଶିକ୍ଷିତ ଯୁବକଙ୍କୁ ଯୋଗାଯୋଗ କରି ବାୟୋଡାଟା ଆଣିଥିଲେ । ଚାକିରି କରାଇ ଦେବାକୁ ସେ କାହାଠାରୁ ୮ ହଜାର ଟଙ୍କା ତ ଆଉ କାହାଠାରୁ ୩୦ ହଜାର ସଂଗ୍ରହ କରି ମୋଟ ୩ ଲକ୍ଷ ୪୦ ହଜାର ୫୦୦ ଟଙ୍କା ଅଭିଯୁକ୍ତଙ୍କୁ ଦେଇଥିଲେ । ହେଲେ ଅନେକ ଦିନ ଯାଏଁ ଚାକିରି ସେମାନଙ୍କୁ ମିଳିନଥିଲା। ଗତ ଜୁଲାଇ ମାସରେ ମିଲୁ ନାୟକ ସହ ଅନ୍ୟ ଜଣେ ଚାକିରି ଆଶାୟୀ ଗାନ୍ଧୀନଗର ସ୍ଥିତ କାର୍ଯ୍ୟାଳୟରେ ପହଞ୍ଚି ଏ ବିଷୟରେ ପଚରାଉଚରା ବେଳେ ଅଭିଯୁକ୍ତମାନେ ଗାଳିଗୁଲଜ କରି ଧମକ ଦେଇଥିଲେ। ଟଙ୍କା ନଦେଲେ ପୋଲିସରେ ଅଭିଯୋଗ କରିବାକୁ କହିବା ପରେ କ୍ରିଷ୍ଣାସାଗର ସେମାନଙ୍କୁ ବୁଝାସୁଝା କରି କହିଥିଲେ ଟଙ୍କା ଗୋଟିଏ ସ୍ଥାନରେ ବିନିଯୋଗ କରାଯାଇଛି, କିଛି ଦିନ ଅପେକ୍ଷା କର ସମସ୍ତଙ୍କ ଟଙ୍କା ଫେରାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏକାଧିକ ମାସ ପରେ ବି ଟଙ୍କା ନ ମିଳିବାରୁ ମିଲୁ ଥାନାରେ ଅଭିଯୋଗ କରିଥିଲେ।

# ଦୋଷୀଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର,୮।୧୨(ସୁବାସ ଚନ୍ଦ୍ର ପାଢ଼ୀ):

### ନାବାଳିକା ଛାତ୍ରୀ ବଳାତ୍କାର ମାମଲା

ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ଶନିବାର ଜଣେ ନାବାଳିକା ଛାତ୍ରୀ ଅପହରଣ ଓ ବଳାତ୍କାର ମାମଲାର ଦୋଷୀଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି । ସେ ହେଲେ କବିସୂର୍ଯ୍ୟନଗର ଅଞ୍ଚଳର ବିଭୀଷଣ ଗୌଡ(୫୪)। ଜେଲ ସହ ତାଙ୍କୁ ୯୫ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟ ଅଧିକ ୭ ମାସ ସଶ୍ରମ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ସେହିପରି ପୀଡିତା ନାବାଳିକାଙ୍କୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୦ ସେପ୍ଟେମ୍ବର ୨୪ ତାରିଖରେ ୭ମ ଶ୍ରେଣୀର ନାବାଳିକା ଛାତ୍ରୀ ଜଣକ ଟିୟୁଶନ ଯାଉଥିବା ବେଳେ ବିଭୀଷଣ ତାଙ୍କୁ ଅପହରଣ କରି ଗ୍ରାମର ଏକ ଅଙ୍ଗନୱାଡି କେନ୍ଦ୍ର ନିକଟ ବୁଦା ମୂଳକୁ ନେଇ ବଳାତ୍କାର କରିଥିଲେ। କାହାକୁ କହିଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଘଟଣାର ୨ଦିନ ପରେ ପୁଣି ୨୬ ତାରିଖରେ ବିଭୀଷଣ ପୁଣି ତାଙ୍କୁ ରାସ୍ତାରୁ ଉଠାଇ ନେଇ ସେହି ସ୍ଥାନରେ ବଳାତ୍କାର କରିଥିଲେ। ନାବାଳିକା ଜଣକ କାନ୍ଦି କାନ୍ଦି ଘରକୁ ଫେରିଥିଲେ। ପରିବାର ଲୋକେ ତାଙ୍କୁ ପଚରାଉଚରା କରିବାରୁ ସବୁ କଥା ଜଣାପଡିଥିଲା। ଏ ନେଇ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୨୬୯/୨୦ରେ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ବିଭୀଷଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ୧୧ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ମିଳିଥିବାରୁ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମୋହନ ସିଙ୍ଗାରୀ ମକଦ୍ଦମା ପରିଚାଳନା କରୁଥିଲେ ।

# ଚଞ୍ଚକତା କରି ୪ ଲକ୍ଷ ଠକେଇ

### ସଫେଇ କର୍ମଚାରୀଙ୍କୁ ବାନ୍ଧିଲା ପୋଲିସ

ବ୍ରହ୍ମପୁର,୮।୧୨(ସୁବାସ ଚନ୍ଦ୍ର ପାଢ଼ୀ): ଚଞ୍ଚକତା କରି ଜଣେ ସୁରକ୍ଷା କର୍ମୀଙ୍କ ନାଁରେ ଜଣେ ସଫେଇ କର୍ମଚାରୀ ୪ ଲକ୍ଷ ଋଣ କରି ଟଙ୍କା ଠକି ନେଇଛନ୍ତି । ଉଭୟ ଗୋଟିଏ କାର୍ଯ୍ୟାଳୟରେ କାମ କରୁଥିଲେ । ସଫେଇ କର୍ମଚାରୀ ଜଣଙ୍କ ସୁରକ୍ଷାକର୍ମୀଙ୍କ ବିଶ୍ୱାସ ଜନ୍ମାଇ ତାଙ୍କ ନାଁରେ ୨ଟି ସଂସ୍ଥାରୁ ଋଣ କରିଥିଲେ । ଏ ନେଇ ଅଭିଯୋଗ ପରେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ୩୧/୨୪ ରେ ମାମଲା ରୁଜୁ କରି ସଫେଇ କର୍ମଚାରୀ ଆସିକା ଥାନା କର୍ପୁର ନୂଆଁଗାଁର ଦେବାଶିଷ ପଟ୍ଟନାୟକ(୩୦)ଙ୍କୁ ବାନ୍ଧିଥିଲା। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ନିମଖଣ୍ଡି ଥାନା ଅନ୍ତର୍ଗତ ଗୁରୁଣ୍ଟିର ବଳରାମ ସେଠୀ(୩୪) ବ୍ରହ୍ମପୁର ସହରର କୋର୍ଟପେଟା ନିକଟରେ ଥିବା ଏକ ଘରୋଇ ସଂସ୍ଥା କାର୍ଯ୍ୟାଳୟରେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟ କରୁଛନ୍ତି । ସେଠାରେ ଦେବାଶିଷ ସଫେଇ କର୍ମଚାରୀ କାର୍ଯ୍ୟ କରୁଥିଲେ । ଉ ସେ କିଛି ଦିନ ତଳେ ବଳରାମଙ୍କୁ ଡାକି ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଜଣେ ସାଙ୍ଗ ଟଙ୍କା ପଠାଇବେ ବୋଲି କହିଥିଲେ । ଟଙ୍କା ଆସିବା ପରେ କିଛି କମିଶନ ବଳରାମଙ୍କୁ ଦେବେ ବୋଲି କହିଥିଲେ । ତେବେ ଏଥିପାଇଁ ଦେବାଶିଷ ତାଙ୍କ ଆଧାର କାର୍ଡ, ବ୍ୟାଙ୍କ ଆକାଉଣ୍ଟ ନମ୍ବର, ପାନକାର୍ଡ ମାଗି ନେଇଥିଲେ । ଆଉ ବଳରାମଙ୍କ ଉପରୋକ୍ତ ବ୍ୟକ୍ତିଗତ ଡକ୍ୟୁମେଣ୍ଟ ବ୍ୟବହାର କରି ଦେବାଶିଷ ତାଙ୍କ ନାମରେ ୨ ଟି ଘରୋଇ ସଂସ୍ଥାରୁ ପ୍ରାୟ ୩ ଲକ୍ଷ ୫୬ ହଜାର ଟଙ୍କା ଋଣ ଆବେଦନ କରି ଦେଇଥିଲେ । ଗତ ଅକ୍ଟୋବର ୨୩ରେ ବଳରାମଙ୍କ ଆକାଉଣ୍ଟକୁ ୬୮ ହଜାର ଟଙ୍କା ଆସିଥିଲା। ଟଙ୍କା ଆସିବା ପରେ ଦେବାଶିଷ ତାଙ୍କ ନିକଟରେ ପହଞ୍ଚି ସେହି ଟଙ୍କା ଜଣେ ସାଙ୍ଗ ପଠାଇଥିବା କହି ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରି ନେଇଥିଲେ । ଏହାର ୬ ଦିନ ପରେ ପୁଣି ୨ ଲକ୍ଷ ୮୮ ହଜାର ଟଙ୍କା ବଳରାମଙ୍କ ଆକାଉଣ୍ଟକୁ ଆସିଥିଲା । ଉକ୍ତ ଟଙ୍କାକୁ ମଧ୍ୟ ଦେବାଶିଷ ନେଇଯାଇଥିଲେ । ତେବେ କିଛି ଦିନ ପରେ ସେହି ଋଣ ବାବଦ ଇଏମଆଇ ପଇଠ କରିବାକୁ ବଳରାମଙ୍କ ନିକଟକୁ ଏକ ସଂସ୍ଥାରୁ ମେସେଜ ଓ ଫୋନ ଆସିବା ପରେ ସେ ଚକିତ ହୋଇଯାଇଥିଲେ। ସେ କୌଣସି ସ୍ଥାନରୁ ଋଣ ନେଇନଥିବା ବେଳେ ତାଙ୍କ ନାମରେ ମାସିକ ହାଜର ହଜାର ଟଙ୍କାର ଇଏମଆଇ ପଇଠ କରାଯିବା ଜାଣି ସେ ଯାଞ୍ଚ କରିଥିଲେ। ଏହାପରେ ଦେବାଶିଷଙ୍କୁ ପଚରାଉଚରା ପରେ ସେ କୌଣସି ସନ୍ତୋଷଜନକ ଉତ୍ତର ନ ଦେବାରୁ ବଳରାମ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ।

# ୨୯ରେ ଭଞ୍ଜନଗର ଆସିବେ ମୁଖ୍ୟମନ୍ତ୍ରୀ

ଭଞ୍ଜନଗର,୮।୧୨(ବାବୁଲା ପ୍ରଧାନ):

### ଭାଜପାର ବୁଥ ସଭାପତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ

ଭାଜପା ଘୁମୁସର ସାଙ୍ଗଠନିକ ଜିଲ୍ଲାର ସମସ୍ତ ବୁଥରେ ସଭାପତି ନିର୍ବାଚନ ପ୍ରକ୍ରିୟା ଚାଲିଛି। ରବିବାର ଅପରାହ୍ନରେ ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ଟିଳିସିଙ୍ଗିରୁ ବୁଥ ସଭାପତି ନିର୍ବାଚନ ଆରମ୍ଭ ହୋଇଥିଲା। ୧୦ ତାରିଖ ସୁଦ୍ଧା ନିର୍ବାଚନ ମଣ୍ଡଳୀର ୨୬୦ ବୁଥରେ ସଭାପତି ନିର୍ବାଚନ ହେବ। ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଟିଳିସିଙ୍ଗି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ବାଚନ ପ୍ରକ୍ରିୟା କିଭଳି ହେବ ସେ ନେଇ କହିଥିଲେ। ଏଥିସହ ନୂତନ ଭାବେ ନିର୍ବାଚିତ ହୋଇଥିବା ବୁଥ ସଭାପତି ଭାସ୍କର ସାହୁ, ଦେବରାଜ ନାୟକ, ସାମରଡ଼ା ସଭାପତି ବିଶ୍ୱନାଥ ଗୌଡ, ଉଲିଦନର ସଭାପତି ସୁନିଲ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ନିର୍ବାଚନ ଅଧିକାରୀ ସନ୍ତୋଷ ତିଆଡି ଏବଂ ଧବଳେଶ୍ୱର ମାଝୀ ନିର୍ବାଚନକୁ ପରିଚାଳନା କରିଥିଲେ। ମଣ୍ଡଳ ସଭାପତି ସୁବାସ ପ୍ରଧାନ, ସଞ୍ଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସ୍ଥାନୀୟ ବନ ବିଭାଗ ଡାକବଙ୍ଗଳାରେ ଭାଜପାର ଏକ ବୈଠକ ହୋଇଥିଲା। ସେଥିରେ ନିର୍ବାଚନ ପ୍ରକ୍ରିୟା ଓ ଆସନ୍ତା ୨୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଭଞ୍ଜନଗର ଗସ୍ତ ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜ୍ୟ ସାଙ୍ଗଠନିକ ନିର୍ବାଚନ ଅଧିକାରୀ ସରୋଜ ସାବତ ବୈଠକରେ ଯୋଗ ଦେଇ ଜାନୁଆରୀ ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ରାଜ୍ୟରେ କର୍ମକର୍ତ୍ତା ନିର୍ବାଚନ ସରିବ ବୋଲି କହିଥିଲେ। ଶୃଙ୍ଖଳିତ ଏବଂ ନିରପେକ୍ଷ ନିର୍ବାଚନ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି ବୋଲି କହିଥିଲେ। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୯ ତାରିଖରେ ଭଞ୍ଜନଗର ଗସ୍ତରେ ଆସି ଅଲ ଓଡିଶା ଆଇନଜୀବୀ ସଂଘର ରାଜ୍ୟସ୍ତରୀୟ ସଭାରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି କହିଥିଲେ। ଓକିଲ ସଂଘର ରାଜ୍ୟ ବୈଠକ ୨୯ ଓ ୩୦ ତାରିଖ ଦୁଇଦିନ ଧରି ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରେ ହେବ। ଉକ୍ତ ସଭାର ବିଭିନ୍ନ ଅଧିବେଶନରେ ଅନେକ ବିଚାରପତି, ମନ୍ତ୍ରୀ, ଏମପି, ବିଧାୟକଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ପ୍ରସ୍ତୁତି ବୈଠକରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୀଳ ମାଧବ ପାତ୍ର, ବିଷ୍ଣୁ ପ୍ରସାଦ ପ୍ରଧାନ, ଧୋବା ଗୌଡ, ଶିବ ଶଙ୍କର ପ୍ରଧାନ, ରାଜୁ ପ୍ରଧାନ, ଶିବ ଶଙ୍କର ମହାପାତ୍ର, ମାନସ ଜେନା, ରଜତ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।




ଟିଳିସିଙ୍ଗି ବୈଠକରେ ଉପସ୍ଥିତ ବିଧାୟକ ଏବଂ ଅନ୍ୟ କର୍ମକର୍ତ୍ତା ।

